# କବିତା-୧ : କାହା ମୁଖ ଅନାଇ ବଞ୍ଚିବି

## କବି- ଭକ୍ତ ଚରଣ ଦାସ

## ଶ୍ରେଣୀ – ନବମ

## ଦ୍ୱିତୀୟ ଦିନ

**General Objectives -** ସାଧାରଣ ଆଭିମୁଖ୍ୟ :

ଅକ୍ରୂରଠାରୁ କଂସର ଚିଟାଉ ପାଠ କରିବା ପରେ ମାତା ଯଶୋଦା ବିଷାଦିତ ହୃଦୟରେ ଶ୍ରୀକୃଷ୍ଣଙ୍କ ମଥୁରାଯାତ୍ରା କଥା ମନେ ପକାଇ ପୁଅର ସମସ୍ତ କଥା କାରୁଣ୍ୟୋକ୍ତି ମାଧ୍ୟମରେ ପ୍ରକାଶ କରିଛନ୍ତି ।

**Specific Objectives -** ବିଶେଷ ଆଭିମୁଖ୍ୟ :

'ମଥୁରା ମଙ୍ଗଳ' କାବ୍ୟର ଉପସ୍ଥାପନ ରୀତି, କଳ୍ପନାବିଳାସ, ରସସୃଷ୍ଟି ଓ ଚାତୁର୍ଯ୍ୟୋକ୍ତି ସର୍ବୋପରି ସରଳ ଓ ପ୍ରାଞ୍ଜଳ ଅଭିବ୍ୟକ୍ତି ମାଧ୍ୟମରେ ଉଚ୍ଚକୋଟୀର ବର୍ଣ୍ଣନା ଶୈଳୀ ସଂପର୍କରେ ଅବଗତ । ପଠନ, କଥନ, ଲିଖନ ଏବଂ ଶ୍ରବଣ ଦକ୍ଷତା ବୃଦ୍ଧି ସହିତ ବ୍ୟାବହାରିକ ଜ୍ଞାନ ଏବଂ ବ୍ୟାକରଣଗତ ବୋଧଜ୍ଞାନ ଶିକ୍ଷା ରୀତିଯୁଗୀୟ ସାହିତ୍ୟ ଏବଂ ଶବ୍ଦାବଳୀ ବିଷୟରେ ଜ୍ଞାନ ।

ODM EDUCATIONAL GROUP
Changing your Tomorrow

## ପୂର୍ବପାଠର ଆଲୋଚନା :

୧. କେଉଁ ଉତ୍ସବ ଦେଖିବା ପାଇଁ ଶ୍ରୀକୃଷ୍ଣ ମଥୁରାକୁ ଯାଇଥିଲେ ?

୨. ରୀତି ଯୁଗର ଶ୍ରେଷ୍ଠ କବି କିଏ ?

୩. କବିଙ୍କ ପ୍ରକୃତ ନାମ କ'ଣ ଥିଲା ?

୪. ସେ କେଉଁ କବି ଭାବରେ ପରିଚିତ ?

୫. କେଉଁ କବିତା ପୁସ୍ତକରୁ ଆଲୋଚ୍ୟ କବିତା ସଂଗୃହୀତ ?

କବିତାର ଦୁଇଟି ପଦ ବ୍ୟାଖ୍ୟା

ଯେତେବେଳେ ବନେ ଯାଉ ...................ବିଚ୍ଛେଦ ନ ସହଇ କବିତାର ପଂକ୍ତି ବ୍ୟାଖ୍ୟା ।

ମାତା ଯଶୋଦାଙ୍କ ମାତୃହୃଦୟର ବିଳାପ ଉଦାହରଣ ସହ ଆଲୋଚନା ।

ODM EDUCATIONAL GROUP
Changing your Tomorrow

## ସାରମର୍ମ :

ମଥୁରା ମଙ୍ଗଳ ର ଷଷ୍ଠ ଛାନ୍ଦରେ କବି ଯଶୋଦାଙ୍କର ମାତୃହୃଦୟର ସ୍ୱଚ୍ଛଭାବ ପ୍ରକାଶ କରିଛନ୍ତି । ଶ୍ରୀକୃଷ୍ଣ ଯଶୋଦାଙ୍କ ଚକ୍ଷୁରେ ଏକ ଅଲିଅଳ ଦୁଷ୍ଟ ବାଳକ । କଂସର ବନ୍ଦୀଶାଳାରେ ଜନ୍ମଗ୍ରହଣ କରି ଶ୍ରୀକୃଷ୍ଣ ଯେ ଗୋପପୁରରେ ନନ୍ଦ-ଯଶୋଦାଙ୍କ ଗୃହରେ ବାଲ୍ୟଲୀଳା ସମାପନ କରିବେ ଓ ପରବର୍ତ୍ତୀ ସମୟରେ ମଥୁରା ଗମନ କରି ଦୁର୍ମିଳାନନ୍ଦନ କଂସକୁ ବିନାଶ କରି ଧରାଧାମରେ ଧର୍ମ ସଂସ୍ଥାନ କରିବେ ,ଏହି ବିଧିନିର୍ଦ୍ଦିଷ୍ଟତତ୍ତ୍ୱ ଓ ଶ୍ରୀକୃଷ୍ଣଙ୍କ ଅବତାର ଗ୍ରହଣ ବିଷୟକୁ ଯଶୋଦା ବା କିପରି ଜାଣିବେ ? ଏପରିକି ଗୋପରେ ଶ୍ରୀକୃଷ୍ଣଙ୍କ ପୁତନା, ତୃଣା, ଶକଟା, ଅଘା, ବକା ଷଣ୍ଢା ପ୍ରଭୃତି  ରାକ୍ଷସ ରାକ୍ଷସୀମାନଙ୍କୁ ବଧ, କାଳୀୟ ଦଳନ, ବରୁଣ ବିବାଦ, ଗୋବର୍ଦ୍ଧନ ଗିରି ଧାରଣ ପରି ଅଲୌକିକ ଶକ୍ତି ପ୍ରଦର୍ଶନ ପରେ ବି ଯଶୋଦା ପୁତ୍ର ଶ୍ରୀକୃଷ୍ଣଙ୍କୁ ଜଣେ ସାଧାରଣ ଅବୋଧ ବାଳକ ବୋଲି ଭାବିଛନ୍ତି । ମାତ୍ର ନନ୍ଦସୁତଙ୍କ ଏ ସମସ୍ତ ଅଦ୍ଭୁତ କ୍ରିୟା ଶ୍ରବଣରେ କଂସର ହୃତ୍ସ୍ପନ୍ଦନ ବହୁଗୁଣିତ ହୋଇଛି । ତେଣୁ ଶ୍ରୀକୃଷ୍ଣଙ୍କୁ କୌଶଳରେ ମଥୁରାକୁ ଆଣି ବଧ କରିବା ଉଦ୍ଦେଶ୍ୟରେ ସେ ଅକ୍ରୂରଙ୍କୁ ଗୋପପୁରକୁ ପ୍ରେରଣ କରିଛି । ଅକ୍ରୁରଠାରୁ କଂସର ଚିଟାଉ ପାଠ କରିବା ପରେ ନନ୍ଦ ବିଷାଦିତ ହୃଦୟରେ ଶ୍ରୀକୃଷ୍ଣ ବଳରାମଙ୍କ ମଥୁରାଗମନ ସମ୍ବାଦ ଗୋପରେ ଘୋଷଣା କରିଛନ୍ତି ।

ODM EDUCATIONAL GROUP
Changing your Tomorrow

## ଶବ୍ଦାର୍ଥ ଏବଂ କଷ୍ଟ ଶବ୍ଦ ଲିଖନ

ଚତୁଃସମ – ଚନ୍ଦନ, ଅଗୁରୁ, କୁଙ୍କୁମ ଓ କସ୍ତୁରୀ

ପାଡି - ପାରିଦେଇ ..........

**ବ୍ୟାକରଣଗତ ଶବ୍ଦ ।**

**ରାଜା**

ନୃପତି ଭୂପତି ନରେଶ

**ନିଶି**

ରାତ୍ରି ଶର୍ବରୀ ଯାମିନୀ ବିଭାବରୀ

ସମାସ – ଶ୍ୟାମଘନ : ଘନ ପରି ଶ୍ୟାମ – ଉପମାନ କର୍ମଧାରୟ ସମାସ ।

ଚନ୍ଦ୍ରମୁଖ – ଚନ୍ଦ୍ର ପରି ମୁଖ ଯାହାର – ଉପମିତ ବହୁବ୍ରୀହି ସମାସ

ODM EDUCATIONAL GROUP
Changing your Tomorrow

(ରାଗ - ବରାଡ଼ି, ବାହୁଡ଼ା ବସନ୍ତ ବୃତ୍ତ)

ଆରେ ବାବୁ ଶ୍ୟାମଘନ                    ତୁ ଗଲେ ମଧୁଭୁବନ
କାହା ମୁଖ ଅନାଇ ବଞ୍ଚିବି
ହେବ ଦଶଦିଗ ଶୂନ୍ୟ                    ଅଥିର ହେବ ଜୀବନ
ନିଶି ଦିବସରେ ଝୁରୁଥିବି ରେ ଜୀବଧନ ।
ଜୀବନ ବିହୁନେ ଯେହ୍ନେ ଝଷ ।
ରାଜା ବିନେ ଯେହ୍ନେ ଗ୍ରାମ ଦେଶ ରେ । ୧ ।



| | |
|---|---|
| ଶ୍ୟାମଘନ | – କଳାମେଘ / ଶ୍ରୀକୃଷ୍ଣ । |
| ମଧୁଭୁବନ | – ମଥୁରାପୁର । |
| ଦଶଦିଗ | – ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ, ଅଗ୍ନି, ବାୟୁ,ଈଶାନ, ନୈରତ, ଊର୍ଦ୍ଧ୍ୱ ଓ ଅଧଃ—ଏହି ହେଲା ଦଶଟି ଦିଗ । |
| ଶୂନ୍ୟ | – ଖାଲି । |

| | |
|---|---|
| ନିଶିଦିବସ | – ଦିନରାତି । |
| ଜୀବନ | – ଜଳ । |
| ଝଷ | – ମାଛ । |

ODM EDUCATIONAL GROUP
Changing your Tomorrow

କାହା ଅଙ୍ଗେ ଚତୁଃସମ ଲେପିବି କରି ସୁଷମ

ନିଦ୍ରାରେ କେ ହେଉଥିବ ଘାରି ।

କାହାକୁ ଅଞ୍ଜନ ଦେବି; ବସ୍ତ୍ର ପାଢ଼ି ଶୁଆଇବି

ପିତାଙ୍କୁ ମାଗିବ କେହୁ ହରି ରେ ଜୀବଧନ ।

ଏକଥା ସୁମରି ଯିବି ମରି ।

ନିଶ୍ଚେ ଯେବେ ଯିବୁ ମଧୁପୁରୀ ରେ । ୨ ।



| | | | |
|---|---|---|---|
| ଯେହ୍ନେ | – ଯେପରି । | କନ୍ତି | – ସମୂହ, ଧାଡ଼ି |
| ଚତୁଃସମ | – ଚନ୍ଦନ, ଅଗୁରୁ, କୁଙ୍କୁମ ଓ କସ୍ତୁରୀ । | ପାବଚ୍ଛ | – ପାହାଚ । |
| ସୁଷମ | – ସୁନ୍ଦର । | ହରି | – ଚନ୍ଦ୍ର । |
| ସୁମରି | – ମନେପକାଇ । | ମଧୁପୁରୀ | – ମଥୁରାନଗରୀ । |
| ଅଞ୍ଜନ | – କଜ୍ଜ୍ୱଳ । | | |
| ପାଢ଼ି | – ପାଗିଦେଇ / ବିଛେଇ । | | |

ODM EDUCATIONAL GROUP
Changing your Tomorrow

ବାନ୍ଧିବି କାହାର କେଶ        କୁସୁମେ କରି ସୁବେଶ
କାହା ଲଲାଟରେ ଦେବି ଚିତା
କାହାର କର୍ଣ୍ଣେ କୁଣ୍ଡଳ        ଖଞ୍ଜିବି ରେ ମୋର ବାଳ
କାହାପାଇଁ କରୁଥିବି ଚିନ୍ତା ରେ ଜୀବଧନ ।
କାହା ଅଙ୍ଗୁ ଧୂଳି ଦେବି ପୋଛି ।
କାହାକୁ ବା ପିନ୍ଧାଇବି କାଛି ରେ । ୩ ।



| | | | |
|---|---|---|---|
| ସୁବେଶ | – ସୁନ୍ଦର ବେଶ । | କୁସୁମେ | – ଫୁଲରେ । |
| ଚିତା | – ଚନ୍ଦନ । | ଲଲାଟ | – କପାଳ |
| ଖଞ୍ଜିବା | – ଲଗାଇବା । | କୁଣ୍ଡଳ | – କର୍ଣ୍ଣାଳଙ୍କାର ବିଶେଷ । |
| ବାଳ | – ବାଳକ (ଏଠାରେ ବାଳୁତ ପୁଅ) | ବିଚ୍ଛେଦ | – ବିରହ . |
| କାଛି | – ଛୋଟଲୁଗା / କାଛିଆ । | ଗଣ୍ଡ ଜଳେ | – ଗଭୀର ଜଳରେ |
| ଅଙ୍ଗୁ | – ଶରୀରରୁ । | | |

ODM EDUCATIONAL GROUP
Changing your Tomorrow

## ଗୃହକର୍ମ :

ଶବ୍ଦାର୍ଥ ମୁଖସ୍ଥ କର ।

୧୦ଟି MCQ ପ୍ରସ୍ତୁତ କର ।

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
*Changing your Tomorrow*